# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 April - 2024**

**News Editor : *Tapan Kumar Moharana***

# ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ମତଦାନ ପାଇଁ ଆଜିଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ । ନାମାଙ୍କନ ଦାଖଲ ପ୍ରକ୍ରିୟା ଆସନ୍ତା ମଇ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଏବଂ ଆସ୍କା ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନ ଗୁଡ଼ିକ ପାଇଁ ଆସନ୍ତା ମଇ ମାସ ୨୦ ତାରିଖରେ ଭୋଟ୍ ନିଆଯିବ । ସୂଚନାଯୋଗ୍ୟ ରାଜ୍ୟର ୫ଟି ଲୋକସଭା ଆସନ ଏବଂ ୩୫ଟି ବିଧାନସଭା ଆସନ ଲାଗି ଏହି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ଲାଗି ଧାର୍ଯ୍ୟ କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଲାଗି ଗତକାଲି ପ୍ରାର୍ଥିପତ୍ର ଦାଖଲର ଶେଷଦିନ ଥିଲା । ଏହି ପର୍ଯ୍ୟାୟରେ ବ୍ରହ୍ମପୁର, ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନରେ ଆସୁଥିବା ୨୮ ବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ୧୩ ତାରିଖରେ ଭୋଟଗ୍ରହଣ ହେବ । ଆଜି ପ୍ରାର୍ଥୀପତ୍ର ଯାଞ୍ଚ ହେବ ଏବଂ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।

ଅନ୍ୟପକ୍ଷରେ ଆଜି ଦେଶର ବିଭିନ୍ନ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ପାଇଁ ମତଦାନ ହେଉଛି ।

## ଅତିରିକ୍ତ ୧୦ କମ୍ପାନୀ ସଶସ୍ତ୍ର ପୋଲିସ ମୁତୟନ

ରାଜ୍ୟରେ ଆସନ୍ତା ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସଂପନ୍ନ କରାଇବା ପାଇଁ ନିର୍ବାଚନ କମିସନ  ଅତିରିକ୍ତ ୧୦ କମ୍ପାନୀ ସଶସ୍ତ୍ର ପୁଲିସ ବାହିନୀ ମୁତୟନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପୁଲିସ ବଳ ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, ଢେଙ୍କାନାଳ, ସୋନପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ମୁତୟନ ହେବେ ।

## ଘରୋଇ  ଔଷଧ ଦୋକାନ

ରାଜ୍ୟର ବିଭିନ୍ନ ଜିଲ୍ଲାର ସରକାରୀ ଡାକ୍ତରଖାନା ପରିସରରେ ଥିବା ୧୦୧ଟି ଘରୋଇ ଔଷଧ ଦୋକାନକୁ ଆସନ୍ତା ୧୫ ଦିନ ମଧ୍ୟରେ ଉଚ୍ଛେଦ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଶାଳିନୀ ପଣ୍ଡିତ ଏ ସଂପର୍କରେ ୨୪ଟି ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ସୂଚନାଯୋଗ୍ୟ ଓଡ଼ିଶା ହାଇକୋର୍ଟ ଚଳିତମାସ ୧୯ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ଆବେଦନକୁ ଗ୍ରହଣ କରି ସରକାରୀ ଡାକ୍ତରଖାନା ପରିସରରୁ ଘରୋଇ ଔଷଧ ଦୋକାନ ହଟାଇବା ପାଇଁ ଅନୁମତି ଦେଇଥିଲେ ।

# ଶାହା- ଓଡ଼ିଶା

ବିଜେପିର ବରିଷ୍ଠ ନେତା ତଥା ଗୃହମନ୍ତ୍ରୀ ଅମିତ ଶାହା ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଠାରେ ଦଳୀୟ ପ୍ରାର୍ଥୀ ଏବଂ କର୍ମକର୍ତ୍ତାଙ୍କ ସହ ଆଗାମୀ ନିର୍ବାଚନ ସଂପର୍କରେ ଆଲୋଚନା କରିଛନ୍ତି । ରାଜ୍ୟରେ ବିଜେପି ତା'ର ସ୍ଥିତିକୁ କିପରି ଅଧିକରୁ ଅଧିକ ମଜବୁତ କରିବ, ସେ ସଂପର୍କରେ ଶ୍ରୀ ଶାହା କର୍ମୀମାନଙ୍କୁ କହିଥିଲେ । ବୈଠକରେ ୧୩ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ସାଂସଦ ଏବଂ ବିଧାୟକ ପ୍ରାର୍ଥୀମାନଙ୍କ ସହିତ ଦଳୀୟ କର୍ମୀମାନେ ଯୋଗଦେଇଥିଲେ ।

# ଶିକ୍ଷକ ନିଯୁକ୍ତି-ହାଇକୋର୍ଟ

ରାଜ୍ୟ ସରକାରଙ୍କର କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ପ୍ରକାଶ ପାଇଥିବା ଜିଲ୍ଲାୱାରୀ ମେଧା ତାଲିକାକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିବା ପରେ ପୁଣି ଥରେ ବିଚାର ପାଇଁ ସରକାରଙ୍କ ପକ୍ଷରୁ ଅପିଲ୍ କରାଯାଇଥିଲା । ଅପିଲ୍‌ରେ କୁହାଯାଇଥିଲା କୋର୍ଟଙ୍କ ଆଦେଶ ଅନୁସାରେ ନିଯୁକ୍ତି ପାଇଁ ମନୋନିତ ହୋଇଥିବା ପ୍ରାର୍ଥୀମାନେ ବଂଚିତ ହେବେ । ହାଇକୋର୍ଟରେ ଗତକାଲି ଏହି ମାମଲାର ଶୁଣାଣି ହୋଇଥିଲା । ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୯ ତାରିଖକୁ ଧାର୍ଯ୍ୟ କରିଛନ୍ତି ।

# ୟୁପିଏସ୍‌ଇ ପରୀକ୍ଷା

କେନ୍ଦ୍ର ଲୋକସେବା ଆୟୋଗ-ୟୁପିଏସ୍‌ଇ ପକ୍ଷରୁ ଆସନ୍ତା ୨୦୨୫ ପରୀକ୍ଷା ପାଇଁ ବାର୍ଷିକ କ୍ୟାଲେଣ୍ଡର ଜାରି କରାଯାଇଛି । ସୂଚନା ଅନୁସାରେ ଆସନ୍ତା ୨୦୨୫ ମସିହା ଜାନୁଆରୀ ମାସ ୨୨ ତାରିଖରେ ସିଭିଲ୍ ସର୍ଭିସ୍ ପରୀକ୍ଷା ପ୍ରିଲିମିନାରୀ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ।

# ବୌଦ୍ଧିକ ସମ୍ପତ୍ତି ଦିବସ

ଆଜି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ । ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନର ପ୍ରସ୍ତାବ କ୍ରମେ ୨୦୦୦ ମସିହା ଠାରୁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳନ କରାଯାଉଛି । କପି ରାଇଟ୍, ଟ୍ରେଡ୍‌ମାର୍କ, ଡିଜାଇନ୍, ପେଟେଣ୍ଟ୍ ଭଳି ବୌଦ୍ଧିକ ସମ୍ପତ୍ତି ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଏହା ସହିତ ଏହି ସମ୍ପତ୍ତି ଗୁଡ଼ିକର ଦୁରୁପଯୋଗ ନେଇ ବିଭିନ୍ନ ଆଇନ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଅନ୍ୟ ଏକ ମୂଳ ଲକ୍ଷ୍ୟ । ଏହା ସହିତ ନୂତନ ଉଦ୍ଭାବନ, ନୂତନ ବିଚାର ଆଦିକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଏହି ଦିବସ ପାଳନ ସହାୟକ ହୋଇଥାଏ ।

# ପାଣିପାଗ

ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଗଜପତି, ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, ଝାରସୁଗୁଡ଼ା, ଢ଼େଙ୍କାନାଳ, ବଲାଙ୍ଗିର, ନୂଆପଡ଼ା ଏବଂ କଳାହାଣ୍ଡିରେ ଆଜି ପ୍ରବଳ ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆଜି ଏବଂ ଆସନ୍ତାକାଲି ରାଜ୍ୟର କେତେକ ସ୍ଥାନରେ ଦିନ ତାପମାତ୍ରା ୪୫ଡିଗ୍ରୀରୁ ଅଧିକ ରହିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।